**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15 December - 2024**

**News Editor : *Itishree Singh Rathaur***

# ଲୋକସଭା-ପିଏମ୍-କନ୍ଷ୍ଟିଚ୍ୟୁସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସମ୍ବିଧାନ ହେଉଛି ଦେଶର ଏକତାର ମୂଳସ୍ତମ୍ଭ । ବିବିଧତା ମଧ୍ୟରେ ଏକତା ଭାରତର ଅନନ୍ୟ ବୈଶିଷ୍ଟ୍ୟ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ସରକାରଙ୍କ ନୀତି ଓ ନିଷ୍ପତ୍ତି ଦେଶର ଏକତାକୁ ସୁଦୃଢ଼ କରିବା ଦିଗରେ ଉଦ୍ଦିଷ୍ଟ । ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଦୁଇଦିନିଆ ବିତର୍କର ଗତକାଲି ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଥିଲେ, ସରକାର ଏକକ ନାଗରିକ ସଂହିତା ଲାଗୁ କରିବାକୁ ପ୍ରତିଶ୍ରୁତିବଦ୍ଧ, ଏହା ଦେଶର ସମ୍ବିଧାନ ନିର୍ମାତାଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

ଏହି ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

ଗତ ୭୫ବର୍ଷ ମଧ୍ୟରେ ଭାରତୀୟ ସମ୍ବିଧାନର ଗୌରବମୟ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହା ଦେଶ ପାଇଁ ଗର୍ବର ବିଷୟ ବୋଲି ଲୋକସଭାରେ ସ୍ପଷ୍ଟ କରିଛନ୍ତି ।

## କୋରାପୁଟ ମହୋତ୍ସବ

ଜନଜାତି ବହୁଳ କୋରାପୁଟ ଜିଲ୍ଲାର ସଂସ୍କୃତି ଓ ଜୀବନଧାରା ରାଜ୍ୟ ସାଂସ୍କୃତିକ ଚିତ୍ରପଟକୁ ଗରିମାମୟ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । କୋରାପୁଟ ମହୋତ୍ସବ ପରବ-୨୦୨୪'କୁ ଗତକାଲି ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତିଙ୍କ କଳା, ସଂସ୍କୃତି ଏବଂ ପରମ୍ପରା ଭିତରେ ଲୁଚି ରହିଥିବା ବାସ୍ତବତାକୁ ଲୋକଲୋଚନକୁ ଆଣିବାରେ ଏଭଳି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।  ପାଞ୍ଚଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।  ମୁଖ୍ୟମନ୍ତ୍ରୀ ଆଜି କୋରାପୁଟ ଜିଲ୍ଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ।

## ଆନ୍ତର୍ଜାତିକ ସମ୍ମିଳନୀ

ଓଡିଶାର ପ୍ରଗତି ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି ବୋଲି ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଭୁବନେଶ୍ୱରଠାରେ ଭାରତର ସାମୁଦ୍ରିକ ଐତିହ୍ୟ ଦୃଷ୍ଟିକୋଣ, ସମ୍ଭାବନା ଏବଂ ପୂର୍ବାନୁମାନ ଉପରେ ପର୍ଯ୍ୟବେଶିତ ଦୁଇଦିନିଆ ଆର୍ନ୍ତଜାତିକ ସମ୍ମିଳନୀର ଗତକାଲି ଦ୍ୱିତୀୟ ସଂସ୍କରଣର ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ଶ୍ରୀ ସୁରଜ ଏହା କହିଛନ୍ତି । ବନ୍ଦର, ଶିଳ୍ପ ଏବଂ ପର୍ଯ୍ୟଟନ ଆଦି କ୍ଷେତ୍ରରେ ରାଜ୍ୟ ଯଥେଷ୍ଟ ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ଶିଳ୍ପ ମହାସଂଘର ମିଳିତ ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି ।

## ନୀଳମଣି ବିଦ୍ୟାରତ୍ନ ରାଜ୍ୟସ୍ତରୀୟ ଜୟନ୍ତୀ

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓଡିଆ ଭାଷା ସାହିତ୍ୟର ଜଣେ ପ୍ରମୁଖ ପୃଷ୍ଠପୋଷକ ଥିଲେ ବୋଲି ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ବୋଲି ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ରାଜ୍ୟସ୍ତରୀୟ ଜୟନ୍ତୀ ସମାବେଶରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ ।

## ବିଧାନସଭା

ଚଳିତ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ୍ ପ୍ରସ୍ତାବ ଆସନ୍ତା ୨୦ତାରିଖ ସୁଦ୍ଧା ଯୋଜନା ଏବଂ ସଂଯୋଜନ ବିଭାଗ ନିକଟରେ ଦାଖଲ କରିବା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥ ବିଭାଗ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ସେହି ପ୍ରସ୍ତାବ ଆଧାରରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ୍ ରଣନୀତି ପ୍ରସ୍ତୁତ

କରାଯିବ । ଆସନ୍ତା ୨୩ ତାରିଖରୁ ଜାନୁୟାରୀ ୯ତାରିଖ ମଧ୍ୟରେ ସବୁ ବିଭାଗର ପ୍ରସ୍ତାବପର୍ଯ୍ୟାୟ କ୍ରମେ ସମୀକ୍ଷା କରାଯିବ ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ।

---

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେ ଗତକାଲି ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୧ଲକ୍ଷ ୯୩ହଜାର ୪୬୩ଟି ମାମଲାର ଫଇସଲା ହୋଇଛି । ଜରିମାନା ଏବଂ କ୍ଷତିପୂରଣ ବାବଦରେ ୧୬୫କୋଟି ୪୭ଲକ୍ଷ ୩୩ହଜାର ୨୧୭ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ହୋଇଛି । ଜାତୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡିଶା ଆଇନସେବା ପ୍ରାଧକରଣ ପକ୍ଷରୁ ହାଇକୋର୍ଟ ସମେତ ସବୁ ଜିଲ୍ଲାରେ ଲୋକ ଅଦାଲତ ମାଧ୍ୟମରେ ବକେୟା ରହିଥିବା ମାମଲାଗୁଡିକର ଆପୋଷ ଫଇସଲା କରାଯାଇଥିଲା ।

---

## ଧାନକିଣା ପ୍ରସଙ୍ଗ

ଚଳିତ ଖରିଫ ଋତୁରେ ଧାନକ୍ରୟ ପ୍ରକ୍ରିୟାକୁ ଅଧିକ ସୁସଂହତ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ବାହାର ରାଜ୍ୟର ଧାନ ବୋଝେଇ ଗାଡିଗୁଡିକର ଅନୁପ୍ରବେଶକୁ ରୋକିବା ଲାଗି ସୀମାନ୍ତ ଅଞ୍ଚଳରେ ୪୦ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ମୁତୟନ କରାଯାଇଛି । ସୀମାନ୍ତ ଜିଲ୍ଲାଗୁଡିକରେ ଏ

ନେଇ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନକୁ ତୁରନ୍ତ ଜଣାଇବାକୁ ପରାମର୍ଶ ଦିଆଯାଇଛି ।

## ବ୍ୟାଡମିଣ୍ଟନ

କଟକ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ବିଡବ୍ଲ୍ୟୁଏଫ-ଟୁର୍ ସୁପର-୧୦୦ ଓଡିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଫାଇନାଲ ପର୍ଯ୍ୟାୟ ମୁକାବିଲା ଆଜି ଅନୁଷ୍ଠିତ ହେବ । ପୁରୁଷ ଏକକ ବର୍ଗରେ ଭାରତର ସଞ୍ଜୀବ ସତୀଶ କୁମାର ଏବଂ ମହିଳା ଏକକ ବର୍ଗରେ ତନ୍‌ଭି ଶର୍ମା ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଅନ୍ୟ ପକ୍ଷରେ ପୁରୁଷ ଡବଲ୍ସ ଏବଂ ମହିଳା ଡବଲ୍ସ ପକ୍ଷରେ ଭାରତୀୟ ଖେଳାଳି ସେମିଫାଇନାଲ ପର୍ଯ୍ୟାୟରେ ପରାଜିତ ହୋଇଛନ୍ତି ।

## ଶୀତ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ କିଛି ଦିନ ଧରି ସର୍ବନିମ୍ନ ତାପମାତ୍ରାରେ ହ୍ରାସ ପାଉଛି । ଫଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି । ଏହି ପରିସ୍ଥିତି ଆଗାମୀ ତିନିଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଶୀତ ଲହରି ନେଇ ଆସନ୍ତା ୨୪ଘଣ୍ଟା ପର୍ଯ୍ୟନ୍ତ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସୂଚନା ଅନୁସାରେ ଗତକାଲି ୩୩ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ସେଲସିୟସ ତଳେ ରହିଥିଲା ।

ଜି. ଉଦୟଗିରିରେ ରାତି ତାପମାତ୍ରା ୫ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା ।

---